## ଆଜି କ'ଣ କେଉଁଠି

- ସହରାଞ୍ଚଳ ସ୍ୱାସ୍ଥ୍ୟ ଓ ଆରୋଗ୍ୟ କେନ୍ଦ୍ର ଉଦ୍‌ଘାଟନ। ସ୍ଥାନ-ମିନାକ୍ଷୀ ନଗର, ତୁଳସୀ ନଗର ସମୟ-ପୂର୍ବାହ୍ନ ୧୦ଟା।
- ବୁଦ୍ଧିଜୀବୀ ସମ୍ମିଳନୀ । ସ୍ଥାନ-ଟାଉନ ହଲ ସମୟ-ସନ୍ଧ୍ୟା ୬ଟା।
- ନାକ୍ ପକ୍ଷରୁ କର୍ମଶାଳା । ସ୍ଥାନ-ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ସମୟ-ପୂର୍ବାହ୍ନ-୧୦.୩୦।
- ସହରତଳି ମିଳିତ କ୍ରିୟାନୁଷ୍ଠାନ କମିଟିର ଏସ୍‌ପିଙ୍କୁ ସ୍ମାରକ ପତ୍ର। ସ୍ଥାନ-ବ୍ରହ୍ମପୁର ଏସ୍‌ପି କାର୍ଯ୍ୟାଳୟ। ସମୟ-୧୧.୩୦।

## ସଂକ୍ଷେପରେ

### ହତ୍ୟା ଉଦ୍ୟମ ମାମଲାରେ ଦୋଷୀ ସାବ୍ୟସ୍ତ

ବ୍ରହ୍ମପୁର ଅଫିସ,୧୧।୮: ଅତିରିକ୍ତ ମୁଖ୍ୟ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ (ଏସିଜେଏମ୍) ଅନୁପମ ପାତ୍ର ଗୁରୁବାର ଏକ ହତ୍ୟା ଉଦ୍ୟମ ମାମଲାର ଶୁଣାଣି କରିଥିଲେ। ପ୍ରମାଣ ମିଳିବାରୁ ସେ ଅଭିଯୁକ୍ତ ସମୀର ଜେନା (୨୮)ଙ୍କୁ ଦୋଷୀ ସାବ୍ୟସ୍ତ କରିଛନ୍ତି। ପ୍ରକାଶ ଯେ, ପାଟପୁର ଥାନା ଅନ୍ତର୍ଗତ ଏ. ଚନ୍ଦ୍ରମଣିପୁର ଗ୍ରାମର ରଞ୍ଜନ ସ୍ୱାଇଁ ଓ ସମୀର ଜେନାଙ୍କ ମଧ୍ୟରେ ଗାଁରେ ଥିବା ଗୋଳିଆବନ୍ଧ ପୋଖରୀ ମାଛ ଲିଜ୍‌କୁ ନେଇ ଝଗଡା ଲାଗି ରହିଥିଲା। ୨୦୧୬ ଜୁଲାଇ ୨୨ରେ ରଞ୍ଜନଙ୍କୁ ଉକ୍ତ ଗ୍ରାମର ସମୀର ମରଣାନ୍ତକ ଆକ୍ରମଣ କରିଥିଲେ। ଅଭିଯୋଗ ପରେ ପୋଲିସ ନଂ.୧୧୯/୧୬ରେ ଏକ ମାମଲା ରୁଜୁ କରିଥିଲା। ପରେ ପୋଲିସ ଅଭିଯୁକ୍ତ ସମୀରଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା। ପରେ ସେ ଜାମିନରେ ମୁକୁଳିଥିଲେ। ଗୁରୁବାର ଏହି ମାମଲାର ବିଚାର ବେଳେ ୧୨ ଜଣ ସାକ୍ଷୀଙ୍କ ବୟାନକୁ ଭିତ୍ତି କରି ଏସିଜେଏମ୍ ଅଭିଯୁକ୍ତଙ୍କୁ ଦୋଷୀ ସାବ୍ୟସ୍ତ କରିଛନ୍ତି। ସେହିପରି ଅଭିଯୁକ୍ତ ଜଣଙ୍କ ପ୍ରଥମଥର ପାଇଁ ଏଭଳି ଭୁଲ କରିଥିବା ଏବଂ ସେ କମ ବୟସର ହୋଇଥିବାରୁ ମାଜିଷ୍ଟ୍ରେଟ ତାଙ୍କୁ ୪ ପି ଓ ଆକ୍ଟରେ ଛାଡ଼ି ଦେଇଛନ୍ତି। ସରକାରଙ୍କ ପକ୍ଷରୁ ଅତିରିକ୍ତ ପିପି ପ୍ରସନ୍ନ କୁମାର ପାତ୍ର ଓ ମୁଦାଲାଙ୍କ ପକ୍ଷରୁ ଆଇନଜୀବୀ ଅକ୍ଷୟ କୁମାର ପଟ୍ଟନାୟକ ମକଦ୍ଦମା ପରିଚାଳନା କରିଥିଲେ।

### ନାବାଳିକାଙ୍କ ଆପତ୍ତିଜନକ ଫଟୋ ଭାଇରାଲ ମାମଲା
### ମାଆ, ପୁଅ ଜେଲ୍ ଗଲେ

ଦିଗପହଣ୍ଡି,୧୧।୮(ଡି.ଏନ୍.ଏ.)-ଦିଗପହଣ୍ଡି ଥାନା ଅଞ୍ଚଳରେ ଜଣେ ନାବାଳିକାଙ୍କ ଆପତ୍ତିଜନକ ଫଟୋ ଓ ଭିଡ଼ିଓ ପ୍ରସ୍ତୁତ କରି ତାକୁ ଭାଇରାଲ କରିବା ସହ ଘରେ ପଶି ତାଙ୍କ ମା'ଙ୍କୁ ଅସଦାଚରଣ ଧମକ ଦେବା ମାମଲାରେ ଅଜୟ ଦାସ ଏବଂ ତାଙ୍କ ମା' ଗୋଲାପୀ ଦାସଙ୍କୁ ପୋଲିସ ଗୁରୁବାର ଗିରଫ କରି ବ୍ରହ୍ମପୁର ପୋକ୍‌ସୋ କୋର୍ଟକୁ ଚାଲାଣ କରିଛି। ମାମଲା ନଂ.୯୪/ ୨୧ ରେ ଜାମିନ ଆବେଦନ ଖାରଜ ହେବାରୁ ଉଭୟଙ୍କୁ ବ୍ରହ୍ମପୁର ଜେଲ୍ ହାଜତକୁ ପଠାଇ ଦିଆଯାଇଛି। ପୋଲିସ ସୂଚନା ପ୍ରକାରେ ଅଭିଯୁକ୍ତ ଅଜୟ ନାବାଳିକାଙ୍କ ଆପତ୍ତିଜନକ ଫଟୋ ଏବଂ ଭିଡ଼ିଓ ପ୍ରସ୍ତୁତ କରି ଭାଇରାଲ କରିଥିଲେ। ଫଳରେ ତାଙ୍କ ବିବାହ ପ୍ରସ୍ତାବ ଭାଙ୍ଗି ଯାଇଥିଲା। ନାବାଳିକାଙ୍କ ପରିବାର ଲୋକେ ଏନେଇ ପ୍ରତିବାଦ କରିବାରୁ ଗତ ୨୦୨୧ ଏପ୍ରିଲ ୨୦ ତାରିଖ ସନ୍ଧ୍ୟା ପ୍ରାୟ ୭ ଟା ରେ ଅଭିଯୁକ୍ତ ମାଆ, ପୁଅ ଏବଂ ତାଙ୍କ କିଛି ସମ୍ପର୍କୀୟ ନାବାଳିକାଙ୍କ ଘରେ ପଶି ଆକ୍ରମଣ କରିବା ସହ ନାବାଳିକାଙ୍କ ମା'ଙ୍କୁ ଅସଦାଚରଣ ସହ ଜୀବନରେ ମାରିଦେବାକୁ ଧମକ ଦେଇଥିଲେ। ନାବାଳିକାଙ୍କ ମାଆ ଦିଗପହଣ୍ଡି ଥାନାରେ ଏତଲା ଦେବା ପରେ ପୋଲିସ ମକଦ୍ଦମା ରୁଜୁ କରିଥିଲା। ଅଭିଯୁକ୍ତମାନେ ଗୁରୁବାର ଗାଁକୁ ଫେରିଥିବା ସୂଚନା ପାଇ ପୋଲିସ ଟିମ ଗାଁରେ ପହଞ୍ଚି ମାଆ ଓ ପୁଅଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲେ।

### ୧୦୩ କେଜି ଗଞ୍ଜେଇ ଜବତ, ଜଣେ ଗିରଫ

ଫୁଲବାଣୀ ଅଫିସ, ୧୧।୮- କନ୍ଧମାଳ ଜିଲା ଫିରିଙ୍ଗିଆ ବ୍ଲକ ଗୋଚ୍ଛାପଡା ଥାନା ପୋଲିସ ସୁଟାଣୀ ଘାଟି ପାଖରେ ପାଟ୍ରୋଲିଂ କରୁଥିବା ବେଳେ ୨ଟି ବାଇକରୁ ୧୦୩ କେଜି ଗଞ୍ଜେଇ ଜବତ କରିଛି। ଏଥିରେ ଜଣଙ୍କୁ ଗିରଫ କରାଯାଇଥିବା ବେଳେ ଅନ୍ୟ ଜଣେ ଫେରାର ଅଛନ୍ତି। ଗିରଫ ଯୁବକ ହେଲେ ବୌଦ୍ଧ ଜିଲା ମନମୁଣ୍ଡା ଥାନା ବଡଦେହୁରିପାଲି ଅଞ୍ଚଳର ସୁନୀତ ସିଂ। ସକାଳେ ପୋଲିସ ସୁଟାଣୀ ଘାଟିରେ ପାଟ୍ରୋଲିଂ କରୁଥିଲା ବେଳେ ୨ଟି ବାଇକରେ ବସ୍ତା ଲଦି ଦୁଇଜଣ ଆସୁଥିବା ଦେଖି ସେମାନଙ୍କୁ ଅଟକାଇବାକୁ ଚେଷ୍ଟା କରିଥିଲା। ଚାଳକ ଗାଡି ଛାଡି ଫେରାର ହୋଇଯାଇଥିଲେ। ବସ୍ତା ଯାଞ୍ଚ କରିବାରୁ ସେଥିରୁ ଗଞ୍ଜେଇ ମିଳିଥିଲା ନଂ ୯୮/୨୨ ରେ ମାମଲା ରୁଜୁ ହୋଇଥିବା ଥାନାଧିକାରୀ ରଞ୍ଜିତ କୁମାର ମୁନି ସୂଚନା ଦେଇଛନ୍ତି।

# ଆରୋଗ୍ୟମ୍ ହସ୍ପିଟାଲ ନିର୍ଦ୍ଦେଶକ ଦମ୍ପତିଙ୍କ ସମେତ ୩ ଗିରଫ

## ହସ୍ପିଟାଲ କିଣାବିକା ନାଁରେ ଟଙ୍କା ଠକେଇ ଘଟଣା

ବ୍ରହ୍ମପୁର ଅଫିସ,୧୧।୮

ହସ୍ପିଟାଲ କିଣାବିକା ନାଁରେ ୩ କୋଟି ୪୩ ଲକ୍ଷ ଟଙ୍କା ଠକେଇ ଅଭିଯୋଗରେ ବ୍ରହ୍ମପୁର ବୈଦ୍ୟନାଥପୁର ପୋଲିସ ଆରୋଗ୍ୟମ୍ ହସ୍ପିଟାଲର ନିର୍ଦ୍ଦେଶକ ଦମ୍ପତିଙ୍କ ସମେତ ୩ ଜଣଙ୍କୁ ଗୁରୁବାର ଗିରଫ କରିଛି। ଗିରଫ ଅଭିଯୁକ୍ତମାନେ ହେଲେ ଆସ୍କାରୋଡ ରାଧାକୃଷ୍ଣ ଏନ୍‌କ୍ଲେଭରେ ରହୁଥିବା ଉକ୍ତ ହସ୍ପିଟାଲ ନିର୍ଦ୍ଦେଶିକା ନିଶି ପ୍ରିୟଦର୍ଶିନୀ(୩୯) ତାଙ୍କ ସ୍ୱାମୀ ସିଏଚ୍ ବଦ୍ରିନାରାୟଣ ପାତ୍ର(୪୨)। ଗଜପତିନଗରରେ ରହୁଥିବା ସ୍ପେସିମେନ୍ ହୋଲ୍ଡିଂ ଲିମିଟେଡ ନିର୍ଦ୍ଦେଶକ ସଂଗ୍ରାମ କେଶରୀ ମହାନ୍ତି(୪୨)। ମାମଲା ନମ୍ବର ୧୮୫/୨୨ରେ ଏମାନଙ୍କୁ ଗୁରୁବାର କୋର୍ଟ ଚାଲାଣ କରାଯାଇଛି ।

ସୂଚନାନୁସାରେ, ହର୍ଷବିହାର ୪ର୍ଥ ଲାଇନରେ ରହୁଥିବା ଡା.ରମେଶ ଚନ୍ଦ୍ର ବର୍ତ୍ତାଙ୍କ ଓମ୍ ଆରୋଗ୍ୟ ହସ୍ପିଟାଲ ଲିମିଟେଡ ନାମରେ ଏକ କମ୍ପାନୀ ରହିଛି। ସେ ଏହାର ପରିଚାଳନା ନିର୍ଦ୍ଦେଶକ ରହିଛନ୍ତି। ଡା. ରମେଶ ୨୦୨୧ ମାର୍ଚ୍ଚ ୧ରେ ବ୍ରହ୍ମପୁରରେ ଥିବା ଏକ ହସ୍ପିଟାଲ କିଣିବା ପାଇଁ ସ୍ପେସିମେନ ହୋଲ୍ଡିଂ ଲିମିଟେଡ୍ ନିର୍ଦ୍ଦେଶକ ସଂଗ୍ରାମଙ୍କ ସହ ଏକ ଚୁକ୍ତି କରିଥିଲେ। ହସ୍ପିଟାଲ ଗୃହ, ଜମି ଓ ଉପକରଣ ବିକ୍ରି ବାବଦକୁ ଉଭୟଙ୍କ ମଧ୍ୟରେ ୬ କୋଟି ୭ ଲକ୍ଷ ଟଙ୍କାର ଚୁକ୍ତି ହୋଇଥିଲା। ସେହିକ୍ରମରେ ସଂଗ୍ରାମ ଡା. ରମେଶଙ୍କଠାରୁ ୩ କୋଟି ୪୩ ଲକ୍ଷ ଟଙ୍କା ଅଗ୍ରିମ ନେଇଥିଲେ। ହେଲେ କରୋନା ଦ୍ୱିତୀୟ ଲହର ଆସିଯିବାରୁ ଡା. ରମେଶ ଉକ୍ତ ହସ୍ପିଟାଲକୁ ନିଜ ଅକ୍ତିଆରରେ ନେବାରେ ବିଳମ୍ବ ହୋଇଥିଲା। କିଛି ମାସ ପରେ ଡା. ରମେଶ ସେଠାକୁ ଯାଇ ଦେଖିବା ବେଳେ ଚୁକ୍ତି ମୁତାବକ ସେଠାରେ କୌଣସି ହସ୍ପିଟାଲ ଉପକରଣ ନ ଥିଲା। ହସ୍ପିଟାଲ ଉପକରଣ ସେଠାରେ ନ ଥିବା ଦେଖି ଡା. ରମେଶ ଏନେଇ ସଂଗ୍ରାମଙ୍କୁ ପଚାରିଥିଲେ। ଯାହାକୁ ନେଇ ସଂଗ୍ରାମ ଓ ତାଙ୍କ ସହଯୋଗୀ ରୁଷିପ୍ରସାଦ ନାହାକ, ବଦ୍ରିନାରାୟଣ ପାତ୍ର ମିଳିତ ଭାବେ ଡା. ରମେଶଙ୍କୁ ଗାଳିଗୁଲଜ କରିବା ସହ ଜୀବନରେ ମାରିଦେବାକୁ ଧମକ ଦେଇଥିଲେ। ସେହିପରି ଏହି ହସ୍ପିଟାଲଟି ଓମ୍ ଆରୋଗ୍ୟ ହସ୍ପିଟାଲ ଲିମିଟେଡ୍ ନିର୍ଦ୍ଦେଶକ ବଦ୍ରିନାରାୟଣ ପାତ୍ରଙ୍କ ସ୍ତ୍ରୀ ନିଶି ପ୍ରିୟଦର୍ଶନୀଙ୍କୁ ୫ ବର୍ଷିଆ ଲିଜ୍ ସୂତ୍ରରେ ଦିଆଯାଇ ସାରିଛି ବୋଲି ଡା. ରମେଶଙ୍କୁ ଜଣାଇ ଦିଆଯାଇଥିଲା। ହେଲେ ବଦ୍ରିନାରାୟଣ ଓ ନିଶି ପ୍ରିୟଦର୍ଶନୀ ତାଙ୍କ କମ୍ପାନୀର ପଞ୍ଜୀକୃତ ନିର୍ଦ୍ଦେଶକ ହୋଇ ନ ଥିବା ବେଳେ ତାଙ୍କ ନାଁରେ କିପରି ଚୁକ୍ତି ହେଲା ସେ ନେଇ ଡା. ରମେଶ ପ୍ରଶ୍ନ କରିଥିଲେ। ଉପରୋକ୍ତ ବ୍ୟକ୍ତିମାନେ କାଗଜପତ୍ର ଜାଲିଆତିକରି ତାଙ୍କୁ ଠକିବା ଉଦ୍ଦେଶ୍ୟରେ ଏହା କରିଥିବା ଡା. ରମେଶ ଜାଣିବାକୁ ପାଇଥିଲେ। ଏ ନେଇ ସେ ବୈଦ୍ୟନାଥପୁର ଥାନାରେ ଅଭିଯୋଗ କରିବା ପରେ ପୋଲିସ ଠକେଇ, ଷଡ଼ଯନ୍ତ୍ର ଭଳି ବିଭିନ୍ନ ଦଫାରେ ମାମଲା ରୁଜୁ କରି ତଦନ୍ତ ଚଳାଇ ଗୁରୁବାର ଉପରୋକ୍ତ ୩ ଅଭିଯୁକ୍ତଙ୍କୁ ଗିରଫ କରିଥିବା କହିଛି।

# ନୀଳକଣ୍ଠନଗର ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରରେ ଜ୍ଞାନ ବିଜ୍ଞାନ ମେଳା



ବିଜ୍ଞାନ ମେଳାରେ ଉପସ୍ଥିତ ଅତିଥି ବୃନ୍ଦ।

ବ୍ରହ୍ମପୁର ଅଫିସ,୧୧।୮

ବ୍ରହ୍ମପୁର ନୀଳକଣ୍ଠନଗର ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରରେ ଜ୍ଞାନ ବିଜ୍ଞାନ ମେଳା ଅନୁଷ୍ଠିତ ହୋଇଯାଇଛି । ଏଥିରେ ମୁଖ୍ୟ ଅତିଥି ଭାବେ ଡ. ସତୀଶ ପ୍ରସାଦ ନାୟକ ଯୋଗ ଦେଇଥିଲେ । ମେଳାକୁ ଗଞ୍ଜାମ ଡିଏସ୍‌ଏସ୍ ବିଷ୍ଣୁ ପ୍ରସାଦ ତ୍ରିପାଠୀ ଉଦ୍‌ଘାଟନ କରିଥିଲେ। ଜଟେଶ୍ୱର କର ଅତିଥି ପରିଚୟ ପ୍ରଦାନ ସହ ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ। ମେଳାରେ ମୋଟ ୧୮୨ ବିଜ୍ଞାନ ପ୍ରକଳ୍ପ ଓ ୩୦ ଗଣିତ ପ୍ରକଳ୍ପ ପ୍ରଦର୍ଶିତ ହୋଇଥିଲା । ଏଥିରେ ବିଚାରକ ଭାବେ କ୍ଷେତ୍ରମୋହନ ମହାବିଦ୍ୟାଳୟର ଉଦ୍ଭିଦ ବିଜ୍ଞାନ ମୁଖ୍ୟ ଶତୀଶ ପ୍ରସାଦ ନାୟକ, ସିଟି ହାଇସ୍କୁଲ ପ୍ରଧାନ ଶିକ୍ଷକ ପନ୍ନଗ ଭୂଷଣ ମାଝିଙ୍କ ସମେତ ପ୍ରଧାନ ଶିକ୍ଷକ କିରଣ କୁମାର ମିଶ୍ର, ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ଭାଗୀରଥି ସ୍ୱାଇଁ, ପ୍ରଧାନଶିକ୍ଷକ ପ୍ରଶାନ୍ତ ପରମଗୁରୁ ମହାପାତ୍ର, ପ୍ରଧାନଶିକ୍ଷକ ଲକ୍ଷ୍ମୀ ନାରାୟଣ ପଣ୍ଡା, ପ୍ରଧାନଶିକ୍ଷକ ଗୋକୁଳ କୃଷ୍ଣ ପଣ୍ଡା, ବିଜ୍ଞାନ ଶିକ୍ଷୟିତ୍ରୀ ଜ୍ୟୋତି ପଣ୍ଡା ଯୋଗ ଦେଇଥିଲେ। ଏଥିରେ ପରିଚାଳନା ସମିତି ସଦସ୍ୟ ନୀଳକଣ୍ଠ ସାହୁ ଅଧ୍ୟକ୍ଷତା କରିଥିଲେ। ମେଳାରେ ୧୦ଜଣ ବିଚାରକ ଯୋଗ ଦେଇଥିଲେ । ବିଜ୍ଞାନ ମେଳାରେ ୧୫ ଛାତ୍ରୀଛାତ୍ର ସଂକୁଳସ୍ତରୀୟ ଜ୍ଞାନ ବିଜ୍ଞାନ ମେଳାରେ ଯୋଗ ଦେବା ନିମନ୍ତେ ଯୋଗ୍ୟ ବିବେଚିତ ହୋଇଛନ୍ତି। ପ୍ରଧାନାଚାର୍ଯ୍ୟ ଉମାଧବ ମହାନ୍ତି ଓ ବିଜ୍ଞାନ ବିଭାଗର ସମସ୍ତ ଆଚାର୍ଯ୍ୟା ଆଚାର୍ଯ୍ୟ ପରିଚାଳନାରେ ସହଯୋଗ କରିଥିଲେ। ବରିଷ୍ଠ ବିଜ୍ଞାନ ଆଚାର୍ଯ୍ୟ ତଥା ଏନ୍‌ସିସି ଅଧିକାରୀ ଶାନ୍ତନୁ କୁମାର ବେହେରା ଧନ୍ୟବାଦ ଅର୍ପଣ କରିଥିଲେ।

# ସ୍ୱାସ୍ଥ୍ୟ ସେବା ଯୋଗାଇବ ୬ ସହରାଞ୍ଚଳ ସ୍ୱାସ୍ଥ୍ୟକେନ୍ଦ୍ର



ମିନାକ୍ଷୀନଗରସ୍ଥିତ ସହରାଞ୍ଚଳ ସ୍ୱାସ୍ଥ୍ୟ ଓ ଆରୋଗ୍ୟ କେନ୍ଦ୍ର।

## ଆଜି ୨ଟିର ଉଦ୍‌ଘାଟନ

ବ୍ରହ୍ମପୁର ଅଫିସ,୧୧।୮

ବ୍ରହ୍ମପୁର ସହରବାସୀଙ୍କୁ ହାତପାଆନ୍ତାରେ ପ୍ରାଥମିକ ସ୍ୱାସ୍ଥ୍ୟ ସେବା ଯୋଗାଇବା ନେଇ ସହରରେ ୬ଟି ସହରାଞ୍ଚଳ ସ୍ୱାସ୍ଥ୍ୟ ଓ ଆରୋଗ୍ୟ କେନ୍ଦ୍ର ପ୍ରସ୍ତୁତି ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ଏହି କେନ୍ଦ୍ର ଦ୍ୱାରା ଆଖପାଖ ଅଞ୍ଚଳର ବରିଷ୍ଠ ନାଗରିକ, ଗର୍ଭବତୀ, ନବଜାତ ଓ ଶିଶୁମାନେ ଠିକ୍ ଭାବେ ସ୍ୱାସ୍ଥ୍ୟ ସେବା ପାଇପାରିବେ। ପ୍ରଥମ ପର୍ଯ୍ୟାୟରେ ଶୁକ୍ରବାର ମିନାକ୍ଷୀନଗର ଓ ତୁଳସୀନଗରଠାରେ ୨ଟି ସ୍ୱାସ୍ଥ୍ୟ କେନ୍ଦ୍ର ଉଦ୍‌ଘାଟିତ ହେବ ବୋଲି ଜାତୀୟ ସହରାଞ୍ଚଳ ସ୍ୱାସ୍ଥ୍ୟ ମିଶନ ନଗର କାର୍ଯ୍ୟକ୍ରମ ପରିଚାଳକ ଲମ୍ବୋଦର ଦିଗାଲ ସୂଚନା ଦେଇଛନ୍ତି। ସୂଚନାଥାଉ କି, ମିନାକ୍ଷୀ ନଗରଠାରେ ବିଏମ୍‌ସିର ରହିଥିବା ରେଣ୍ଟାଲ ବିଲଡିଂଠାରେ ଏହି ସ୍ୱାସ୍ଥ୍ୟ କେନ୍ଦ୍ର ରହିଛି। ତେବେ ଆଗାମୀ ଦିନରେ ବିଜିପୁର, ଆଙ୍କୁଲି, ଆମ୍ବପୁଆ, ମାଟି ଗାଁଠାରେ ସ୍ୱାସ୍ଥ୍ୟ ଓ ଆରୋଗ୍ୟ କେନ୍ଦ୍ର ଶେଷ ପର୍ଯ୍ୟାୟରେ ରହିଛି। ଖୁବ୍‌ଶୀଘ୍ର ତାହା ମଧ୍ୟ କାର୍ଯ୍ୟକାରୀ ହେବ ବୋଲି ସେ କହିଛନ୍ତି। ବର୍ତ୍ତମାନ ଏହି କେନ୍ଦ୍ର ଦ୍ୱାରା ବହୁ ସ୍ଥାନୀୟ ବାସିନ୍ଦା ଉପକୃତ ହୋଇପାରିବେ। ଏହି ସ୍ୱାସ୍ଥ୍ୟ କେନ୍ଦ୍ରଗୁଡିକରେ ବିଭିନ୍ନ ପ୍ରାଥମିକ ସ୍ୱାସ୍ଥ୍ୟ ସେବା ଉପଲବ୍ଧ ରହିବ। ଏହି କେନ୍ଦ୍ରରେ ଗର୍ଭାବସ୍ଥା ଓ ପ୍ରସବ ସମୟରେ ଯତ୍ନ, ନବଜାତ ଓ ଶିଶୁ ସ୍ୱାସ୍ଥ୍ୟ ସେବା, କୈଶୋର ସ୍ୱାସ୍ଥ୍ୟ ସେବା, ପରିବାର ନିୟୋଜନ, ଗର୍ଭ ନିରୋଧକ ପଦ୍ଧତି ଓ ଅନ୍ୟାନ୍ୟ ପ୍ରଜନନ ସ୍ୱାସ୍ଥ୍ୟ ସେବା ଓ ବୟସ୍କଙ୍କ ସ୍ୱାସ୍ଥ୍ୟ ଯତ୍ନ ଓ ଏହାର ପ୍ରାଥମିକ ଚିକିତ୍ସା ସୁବିଧା ଉପଲବ୍ଧ ରହିବ। ଏଥିସହ ସମସ୍ତ ସ୍ୱାସ୍ଥ୍ୟ ସମସ୍ୟାର ପ୍ରାଥମିକ ଚିକିତ୍ସା ନିମନ୍ତେ ପରାମର୍ଶ, ରୋଗ ନିରୂପଣ ଓ ଔଷଧ ବିନା ମୂଲ୍ୟରେ ଉପଲବ୍ଧ ରହିବ। ସାଧାରଣ ରୋଗ ଓ ସାମୟିକ ଅସୁସ୍ଥତା ବହିଃବିଭାଗର ସେବା ମଧ୍ୟରେ ଜ୍ୱର, ଶ୍ୱାସନଳୀ ସଂକ୍ରମଣ, ଚର୍ମ ସଂକ୍ରମଣ ଓ ଆଣ୍ଠୁଗଣ୍ଠି ବ୍ୟଥା ଓ ଚିକିତ୍ସା ସୁବିଧା ଉପଲବ୍ଧ ରହିବ। ଏହି କେନ୍ଦ୍ରରେ ଜଣେ ଡାକ୍ତର, ଫାର୍ମାସିଷ୍ଟ, ଷ୍ଟାଫ ନର୍ସ, ଲ୍ୟାବ୍ ଟେକ୍ନିସିଆନ, ଯୋଗ ପ୍ରଶିକ୍ଷକ, ସହଯୋଗୀ ଷ୍ଟାଫ, ଜଣେ ସଫେଇ କର୍ମଚାରୀ ଓ ସିକ୍ୟୁରିଟି ଗାର୍ଡ ନିୟୋଜିତ ରହିବେ।

# କଣ୍ଟାପୀଢ଼ା ଯାତ୍ରା ଲାଗି ଶୁଭଖୁଣ୍ଟି ସ୍ଥାପନ

ସୋରଡା,୧୧।୮(ଡି.ଏନ.ଏ.)

ଗଞ୍ଜାମ ଜିଲା ସୋରଡ଼ାର ପ୍ରସିଦ୍ଧ ମା' କନ୍ଧୁଣି ଦେବୀଙ୍କ କଣ୍ଟାପୀଢା ଯାତ୍ରା ଓ କନ୍ଧୁଦେବୀ ମହୋତ୍ସବ ପାଇଁ ଗୁରୁବାର ଶୁଭଖୁଣ୍ଟି ସ୍ଥାପନ ହୋଇଛି। ଶୁଭଖୁଣ୍ଟିକୁ ପ୍ରଥମେ ଢୋଲ ମହୁରି ଘଣ୍ଟ ବାଦ୍ୟ ମଧ୍ୟରେ ନଗର ପରିକ୍ରମା କରଯାଇଥିଲା। ପରେ ପୂଜାର୍ଚ୍ଚନା ହୋଇ ଖୁଣ୍ଟି ସ୍ଥାପନ କରାଯାଇଛି। ଆସନ୍ତା ସେପ୍ଟେମ୍ବର ୭ ତାରିଖରେ ବାଲିଯାତ୍ରା ଓ ୧୩ରୁ ୧୬ ତାରିଖ ୪ ଦିନ ବ୍ୟାପୀ ରଥପଦା ଠାରେ ଅସ୍ଥାୟୀ ମଣ୍ଡପରେ ମହୋତ୍ସବ ଅନୁଷ୍ଠିତ ହେବ। ଆସାମ ,ପଶ୍ଚିମବଙ୍ଗ, ରାଜସ୍ଥାନ, ଆନ୍ଧ୍ରପ୍ରଦେଶ ଓ ରାଜ୍ୟର ବିଭିନ୍ନ ଜିଲାରୁ ନୃତ୍ୟ ଦଳମାନେ ଭାଗନେବେ । ବଡଦାଣ୍ଡ ଠାରେ ପଲ୍ଲିଶ୍ରୀ ମେଳା, ଖେଳ ପଡିଆଠାରେ ରାମଦୋଳି ଓ ମିନା ବଜାର ହେବ । ପ୍ରମୋଦ ଅଧିକାରୀ ,ଦୁର୍ଗା ଶତପଥୀ, କୈଳାଶ ପଣ୍ଡା ,ପିଙ୍କୁ ଅଧିକାରୀ ,ପିନ୍ଟୁ ପାତ୍ର,ଶିବ ପ୍ରସାଦ ସୁଆର ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ । ଶୋଭାଯାତ୍ରାରେ ବିଧାୟକ ପୂର୍ଣ୍ଣଚନ୍ଦ୍ର ସ୍ୱାଇଁ, ନଗରପାଳ ଶିବଶଙ୍କର ପଣ୍ଡା ସମେତ ବହୁ ଜନସାଧାରଣ ଯୋଗଦେଇଥିଲେ ।

# ଜଳ ଯୋଗାଣ ଅବ୍ୟବସ୍ଥା ପ୍ରତିବାଦରେ ରାସ୍ତା ଅବରୋଧ


ରାସ୍ତା ଅବରୋଧ କରିଛନ୍ତି ଗ୍ରାମବାସୀ।

ଆସିକା,୧୧।୮(ଡି.ଏନ.ଏ.)

ଆସିକା ଏନଏସିର ବସଷ୍ଟାଣ୍ଡ ଠାକୁରାଣୀ ମନ୍ଦିର ସଂଲଗ୍ନ ବସ୍ତିରେ ପାନୀୟ ଜଳଯୋଗାଣ କ୍ଷେତ୍ରରେ ସୃଷ୍ଟି ହୋଇଥିବା ଅବ୍ୟବସ୍ଥା ପ୍ରତିବାଦରେ ଗୁରୁବାର ରାସ୍ତା ଅବରୋଧ କରାଯାଇଥିଲା। ବ୍ରହ୍ମପୁର-ଫୁଲବାଣୀ ମୁଖ୍ୟରାସ୍ତାର କଳିଙ୍ଗା ରୋଡ ଠାରେ ବସ୍ତି ବାସିନ୍ଦା ହାଣ୍ଡିମାଠିଆ ଧରି ପ୍ରାୟ ଅଧଘଣ୍ଟା ପର୍ଯ୍ୟନ୍ତ ରାସ୍ତା ଅବରୋଧ କରିଥିଲେ । ଫଳରେ ଉକ୍ତ ରାସ୍ତାରେ ଯାନବାହାନ ଚଳାଚଳ ବ୍ୟାହତ ହୋଇଥିଲା । ଖବରପାଇ ଏନ୍‌ଏସି ନିର୍ବାହୀ ଅଧିକାରୀ ଲୋକନାଥ ବେଜ ପହଞ୍ଚି ଯୁଦ୍ଧକାଳୀନ ଭିତ୍ତିରେ ସମସ୍ୟାର ସମାଧାନ ଲାଗି ପ୍ରତିଶ୍ରୁତି ଦେବା ପରେ ରାସ୍ତା ଅବରୋଧ ହଟିଥିଲା। ସୂଚନାଯୋଗ୍ୟ, ଜେସିବି ମେଶିନ ସାହାଯ୍ୟରେ ମୁଖ୍ୟ ରାସ୍ତା କଡରେ ଥିବା ନର୍ଦ୍ଦମା ସଫା କଲା ବେଳେ ବସ୍ତିକୁ ଯାଇଥିବା ପାଇପ ଲାଇନ ଫାଟିଯାଇ ଗତ ୩ ଦିନ ହେଲା ଜଳଯୋଗାଣରେ ଅବ୍ୟବସ୍ଥା ସୃଷ୍ଟି ହୋଇଛି ।

# ମହିଳାଙ୍କ ଆକାଉଣ୍ଟରୁ ୧.୯୧ଲକ୍ଷ ଗାଏବ

## ବିଦ୍ୟୁତ୍ ବିଲ୍ ଆଦାୟ ନାଁରେ ଠକେଇ

ବ୍ରହ୍ମପୁର ଅଫିସ,୧୧।୮

ବ୍ରହ୍ମପୁର ସହରରେ ଦିନକୁ ଦିନ ସାଇବର ଅପରାଧ ବଢ଼ିବାରେ ଲାଗିଛି। ବିଭିନ୍ନ ଉପାୟରେ ଲୋକଙ୍କ ଧନସମ୍ପତ୍ତି କ୍ଷଣିକ ମଧ୍ୟରେ ଗାଏବ କରି ଦେଉଛନ୍ତି। ସହରରେ ପୁଣିଥରେ ଏଭଳି ଠକେଇର ଶିକାର ହୋଇଛନ୍ତି ଜଣେ ମହିଳା। ବକେୟା ବିଦ୍ୟୁତ୍ ବିଲ୍ ଆଦାୟ ବାହାନାରେ ୧ ଲକ୍ଷ ୯୧ ହଜାର ୫୫ଟଙ୍କା ଲୁଟ ହୋଇଛି। ଠକେଇର ଶିକାର ହୋଇଥିବା ମହିଳା କେ. ଇନ୍ଦୁ ଏନେଇ ସାଇବର ଥାନାରେ ଗୁରୁବାର ଅଭିଯୋଗ କରିଛନ୍ତି। ପୋଲିସ ନଂ.ରେ ୩୨/୨୨ରେ ଏକ ମାମଲା ରୁଜୁକରି ଘଟଣାର ଅନୁସନ୍ଧାନ ଆରମ୍ଭ କରିଛି। ସୂଚନା ଅନୁସାରେ, ଖାଲସୀ ସାହିର କେ. ଶ୍ରୀନୁଙ୍କ ସ୍ତ୍ରୀ କେ. ଇନ୍ଦୁଙ୍କ ମୋବାଇଲକୁ ଗତ ୪ ତାରିଖରେ ଜଣେ ବ୍ୟକ୍ତି ଫୋନ କରିଥିଲେ। ଫୋନ କରିଥିବା ବ୍ୟକ୍ତି ଜଣଙ୍କ ନିଜକୁ ବିଦ୍ୟୁତ୍ ବିଭାଗର କର୍ମଚାରୀ ବୋଲି ପରିଚୟ ଦେଇଥିଲେ। ବକେୟା ବିଲ୍ ପୈଠ ନ କଲେ ସଂଯୋଗ ବିଚ୍ଛିନ୍ନ ହୋଇଯିବ ବୋଲି ସେ କହିଥିଲେ। ଅନ୍‌ଲାଇନ୍‌ରେ ଟଙ୍କା ପୈଠ କରିବାକୁ କହି ତାଙ୍କର ଏଟିଏମ୍ କାର୍ଡ ନମ୍ବର ସହିତ ଅନ୍ୟ ତଥ୍ୟ ମାଗିଥିଲେ। ଏହାର କିଛି ସମୟ ପରେ ଇନ୍ଦୁଙ୍କ ମୋବାଇଲକୁ ଟଙ୍କା ଉଠାଣ ନେଇ ମେସେଜ ଆସିଥିଲା। ଇନ୍ଦୁଙ୍କ ଅଜାଣତରେ ତାଙ୍କ ବ୍ୟାଙ୍କ ଆକାଉଣ୍ଟରୁ ପର୍ଯ୍ୟାୟକ୍ରମେ ୧ଲକ୍ଷ ୯୧ ହଜାର ୫୫ ଟଙ୍କା ଉଠାଣ ହୋଇଥିବା ନେଇ ସେ ଜାଣିବାକୁ ପାଇଥିଲେ। ଠକେଇର ଶିକାର ହୋଇଥିବା ମହିଳା ଜଣଙ୍କ ଘଟଣା ସମ୍ପର୍କରେ ବ୍ୟାଙ୍କ କର୍ତ୍ତୃପକ୍ଷଙ୍କୁ ଜଣାଇବା ପରେ ସାଇବର ଥାନାରେ ଅଭିଯୋଗ କରିଥିଲେ। ବର୍ତ୍ତମାନ ସୁଦ୍ଧା ସାଇବର ଥାନାରେ ୩୨ଟି ମାମଲା ରୁଜୁ ହୋଇ ସାରିଲାଣି।

# ବ୍ରହ୍ମାକୁମାରୀ ପକ୍ଷରୁ ରକ୍ଷାବନ୍ଧନ

ଗଞ୍ଜାମ,୧୧।୮(ଡି.ଏନ.ଏ.)

ପ୍ରଜାପିତା ବ୍ରହ୍ମାକୁମାରୀ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟ ଗଞ୍ଜାମ ତରଫରୁ ସହର ମଧ୍ୟଖଣ୍ଡସାହିରେ ରକ୍ଷାବନ୍ଧନ ଉତ୍ସବ ପାଳିତ ହୋଇଯାଇଛି। ଉକ୍ତ ଉତ୍ସବରେ ମୁଖ୍ୟଅତିଥି ଡ. ବୈଦ୍ୟନାଥ ଓ ସମ୍ମାନିତ ଅତିଥି ଭାବେ ପୂର୍ବତନ ସରପଞ୍ଚ ଡି. ନିରଞ୍ଜନ ରେଡ଼ି ଯୋଗଦେଇଥିଲେ। ବଡ଼ଭଉଣୀ କସ୍ତୁରୀଙ୍କ ପୌରୋହିତ୍ୟରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଭଉଣୀ ଯମୁନା, ଟିକି, ଶିବାନୀ, ଦୀପ୍ତି, ମିନତି, ଭାଇ ନୀଳକଣ୍ଠ, ନରସିଂହ, ସୁକାନ୍ତ ଓ କେଦାର ପ୍ରମୁଖ ଯୋଗ ଦେଇଥିଲେ।

# ଶେଷ ଦିନରେ ଜଳାଭିଷେକ କଲେ କାଉଡ଼ିଆ



ଆସିକା,୧୧।୮(ଡି.ଏନ.ଏ.)

ଶ୍ରାବଣ ମାସ ଆରମ୍ଭରୁ ଆସିକା ସହରର ବିଭିନ୍ନ ଶୈବ ପୀଠରେ ଜଳାଭିଷେକ ଲାଗି କାଉଡିଆଙ୍କ ଭିଡ ଲାଗି ରହିଥିଲା । ଶ୍ରାବଣର ଶେଷ ଦିନ ଅର୍ଥାତ୍ ଗହ୍ମାପୂର୍ଣ୍ଣିମାରେ ଗୁରୁବାର କୁନି କାଉଡିଆଙ୍କ ଏକ ଦଳ ଆସିକା ସହରର ଖମ୍ବେଶ୍ୱରୀ ପାଟଣା ଋଷିକୂଲ୍ୟା ଘାଟରୁ ଜଳ ନେଇ ପ୍ରସିଦ୍ଧ ଶୈବ ପୀଠ ସୁବର୍ଣ୍ଣେଶ୍ୱର ମହାଦେବଙ୍କ ମନ୍ଦିରରେ ଅଭିଷେକ କରିଥିଲେ । ଆସିକା ସହରର ସୁବର୍ଣ୍ଣେଶ୍ୱର, ତ୍ରିବିଦ୍ଧେଶ୍ୱର, ପୁଡୁଗେଶ୍ୱର ଆଦି ଶୈବ ପୀଠରେ ଏକ ମାସ ଧରି ବିଭିନ୍ନ ସୋମବାରରେ କାଉଡିଆଙ୍କ ଭିଡ ଲାଗିଥିଲା ।

# ଗୋଷାଣୀନୂଆଗାଁ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରରେ ରକ୍ଷାବନ୍ଧନ



ଉତ୍ସବରେ ଉପସ୍ଥିତ ଅତିଥି ଓ ବିଦ୍ୟାଳୟର ଶିକ୍ଷକ ବୃନ୍ଦ।

ବ୍ରହ୍ମପୁର ଅଫିସ,୧୧।୮

ଗୋଷାଣୀନୂଆଗାଁ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରରେ ଗୁରୁବାର ରକ୍ଷାବନ୍ଧନ ଉତ୍ସବ ପାଳିତ ହୋଇଯାଇଛି। ପ୍ରଧାନାଚାର୍ଯ୍ୟ ନାରାୟଣ ପଣ୍ଡା ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ଦେଇଥିଲେ। ମୁଖ୍ୟ ଅତିଥି ଭାବେ ବରିଷ୍ଠ ଆଇନଜୀବୀ ଲକ୍ଷ୍ମୀ ନାରାୟଣ ଦାଶ ଯୋଗ ଦେଇଥିଲେ। ସମ୍ପାଦକ ପ୍ରକାଶ ଚନ୍ଦ୍ର ପାତ୍ର ଓ ସଭାପତି ପ୍ରଦୀପ କୁମାର ଦାଶ ରକ୍ଷା ବନ୍ଧନ ଦିବସ ସମ୍ପର୍କରେ କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସହ ପ୍ରଧାନ ଆଚାର୍ଯ୍ୟ ପତିତପାବନ ଶତପଥୀ ଦିବସର ତାତ୍ପର୍ଯ୍ୟ ସମ୍ପର୍କରେ କହିଥିଲେ। ଶିକ୍ଷାନୁଷ୍ଠାନର ଛାତ୍ରୀଛାତ୍ରଙ୍କ ଦ୍ୱାରା ରକ୍ଷାବନ୍ଧନ ଉତ୍ସବ ପାଳନ କରାଯାଇଥିଲା।

# ରେଶମ ସହରରେ ରାଖୀ ପୂର୍ଣ୍ଣମୀ ପାଳିତ

ବ୍ରହ୍ମପୁର ଅଫିସ,୧୧।୮



ରକ୍ଷା ବନ୍ଧନ ଉତ୍ସବରେ ଉପସ୍ଥିତ ମହିଳା ବିଜେଡ଼ି କର୍ମୀ ଓ ଦଳୀୟ ନେତୃବୃନ୍ଦ ।

ରେଶମ ସହରରେ ଗୁରୁବାର ରାଖୀ ପୂର୍ଣ୍ଣମୀ ଉତ୍ସାହର ସହ ପାଳିତ ହୋଇଯାଇଛି। ରାଖୀ ପୂର୍ଣ୍ଣମୀରେ ବଡ଼ଠାକୁର ବଳଦେବଜୀଉଙ୍କ ଜନ୍ମଦିବସ ପାଳିତ ହୋଇଥାଏ। ଭଉଣୀମାନେ ଭାଇଙ୍କ ହାତରେ ରକ୍ଷାସୂତ୍ର ବାନ୍ଧି ଥିଲେ। ସେହିପରି ସହରର ବିଭିନ୍ନ ଘରୋଇ ଶିକ୍ଷାନୁଷ୍ଠାନ, ସମାଜସେବୀ ସଂଘ, ମହିଳା ବିଜେଡି ସଂଘ ପକ୍ଷରୁ ରକ୍ଷାବନ୍ଧନ ପର୍ବ ପାଳିତ ହୋଇଥିଲା। ବ୍ରହ୍ମପୁର ମଣ୍ଡଳ କାରାଗାରଠାରେ ଆଜି ବ୍ରହ୍ମାକୁମାରୀସ ପକ୍ଷରୁ ରକ୍ଷାବନ୍ଧନ ପାଳିତ ହୋଇଥିଲା। ବ୍ରହ୍ମପୁର ମହିଳା ବିଜେଡି ପକ୍ଷରୁ ବିଧାୟକ ବିକ୍ରମ କୁମାର ପଣ୍ଡାଙ୍କ ବାସଭବନ ନିକଟରେ ଥିବା ପଡ଼ିଆରେ ସାମୂହିକ ଭାବେ ରକ୍ଷା ବନ୍ଧନ ଉତ୍ସବ ପାଳିତ ହୋଇଥିଲା। ମହିଳା ବିଜେଡି ସଭାନେତ୍ରୀ ତଥା ମେୟର ସଂଘମିତ୍ରା ଦଳାଇଙ୍କ ନେତୃତ୍ୱରେ କର୍ମୀମାନେ ରକ୍ଷା ବନ୍ଧନରେ ଯୋଗଦେଇଥିଲେ। ବିଧାୟକଙ୍କ ସମେତ ଏମ୍‌ପି ଚନ୍ଦ୍ର ଶେଖର ସାହୁ, ପୂର୍ବତନ ବିଧାୟକ ଡ.ରମେଶ ଚନ୍ଦ୍ର ଚ୍ୟାଉପଟ୍ଟନାୟକ,ଡେପୁଟି ମେୟର ଇ.ବିବେକ ରେଡ୍ଡୀ, ପୂର୍ବତନ ବିଡିଏ ଅଧ୍ୟକ୍ଷ ସୁବାସ ମହାରଣାଙ୍କ ସମେତ ସମସ୍ତ ୱାର୍ଡ କର୍ପୋରେଟର , ବିଜେଡି କର୍ମୀ ଓ ପ୍ରତିନିଧିମାନେ ଉପସ୍ଥିତ ରହିଥିଲେ। ମହିଳା ବିଜେଡି କର୍ମୀମାନେ ଏଠାରେ ଫୁଲରେ ତିଆରି ରାଖୀ ବାନ୍ଧିଥିଲେ। ଏଥିରେ ଅନ୍ଧପସରା ରୋଡସ୍ଥିତ ଦୃଷ୍ଟିହୀନ ବିଦ୍ୟାଳୟର ଛାତ୍ରୀଛାତ୍ରମାନେ ମଧ୍ୟ ଉପସ୍ଥିତ ରହି ରାଖୀ ବାନ୍ଧିଥିଲେ। ଲୋଚପଡ଼ା ବ୍ୟାଙ୍କ କଲୋନୀସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ଓ ବାସୁଦେବନଗର ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ଓ ଗୋଶାଳାରେ ମଧ୍ୟ ରକ୍ଷା ବନ୍ଧନ କରାଯାଇଥିଲା। ଗୋଶାଳା କର୍ମୀ ଓ ପଶୁପ୍ରେମୀ ଗୋମାତାଙ୍କୁ ରାଖୀ ବାନ୍ଧିଥିଲେ। ଏହି ଅବସରରେ ଟ୍ରାଫିକ ଆଇଆଇସି ସୁନୀଲ କୁମାର ବେହେରା, ସମାଜସେବୀ ମଧୁସୂଦନ ସାହୁ, ସନ୍ତୋଷ କୁମାର ଚୌଧୁରୀ, ଲଲାଟେନ୍ଦୁ ଚୌଧୁରୀ ପ୍ରମୁଖ ଉପସ୍ଥିତ ଥିଲେ।

